ଶ୍ରୀକୃଷ୍ଣଙ୍କ

ମଥୁରା ବିଜୟ

ଚ ଉ ତି ଶା

ପ୍ରକାଶକ—ଓଡ଼ିଶା ଜଗନ୍ନାଥ କମ୍ପାନୀ, କଟକ
ପ୍ରଥମ ସଂସ୍କରଣ

ମୂଲ୍ୟ ୦ ° /୬ ୧୯୫୨ ଛଅପଇସା ମାତ୍ର

Digitized by srujan ka@gmail.com

ଶ୍ରୀକୃଷ୍ଣଙ୍କ

ମଥୁରାବିଜୟ

ଚଉତିଶା

(ମେଲଣି ଚଉତିଶା—ବୃତ୍ତେ)

କୃଷ୍ଣ ମଥୁରା ଯିବା ଯଶୋଦା ଶୁଣି,
କରୁଛନ୍ତି ରୋଦନ ନନ୍ଦ-ତରୁଣୀ ରେ, କଳା ଶ୍ରୀମୁଖ,
କାଲି ସତ୍ବ ଗୋପୁଁ ଜନନୀ ଡାକ ରେ । ୧ ।

ଖଣ୍ଡ ସାକର କ୍ଷୀର ଲବଣୀ ସର,
ଖାଇ ଖେଳିବ କିଏ ଗୋପ ଦାଣ୍ଡର ରେ, ଖଗ କାଙ୍କରେ;
ଖୋଜି କାହାକୁ ଶୁଆଇବ କୋଳରେ ରେ । ୨ ।

Digitized by srujan ka@gmail.com

ଗିରିଜା-ପତି ଅତି କଷ୍ଟେ ସେବିଲି,
ଗଙ୍ଗାଧର ପ୍ରସାଦେ ତୋତେ ଲଭିଲି ରେ, ଗୋପ ଗୋବିନ୍ଦ,
ଗଲେ ମଥୁରା ତୁହି ହେବି ମୁଁ ଅନ୍ଧ ରେ । ୩ ।

ଘରୁ ବାହାର ହେଲେ ବେନି ତନୟେ,
ଘର ଢଶଇ ଘୋର ବନ ପର୍ଯ୍ୟେ ତେ, ଘନବରନା,
ଘଡ଼ିଏ ନ ଦେଖିଲେ, ପ୍ରାଣ ରହେନା ରେ । ୪ ।

ଉଦରେ ଧରିଥିଲି ତିନିଶ ଦିନ,
ଉଦେ ହୋଇଲୁ ଦିନୁ ବ୍ରଜ ଭୁବନରେ, ଉପେନ୍ଦ୍ର ରାମ,
ଉପମା ଦେବା ପାଇଁ କେ ହେବ ଷମ ରେ । ୫ ।

ଚଡ଼କ ପଡ଼ିଲା କି ଭୁବିନ ତ୍ରୟ,
ଚନ୍ଦ୍ରବଦନ ଗଲେ କଂସ ଆଳୟ ରେ, ଚଣ୍ଡାଳ କଂସ,
ଚିହ୍ନିଲି ମାତ୍ରେକ ତୁ ହୋଇବୁ ନାଶ ରେ । ୬ ।

ଛନ୍ନ କରି ନେଉଛି ମୋ ବେନି ବାଳ,
ଛଡ଼-ବଦନ ଯାନ ପୁଛି ଉଜ୍ଜ୍ୱଳ ରେ, ଛାଡ଼ି ତୁ ନ ଯା,
ଛାଡ଼ି ଗଲେ ମୋ ମୁଖେ ବିଷ ଦେଇଯା ରେ । ୭ ।

Digitized by srujan ka@gmail.com

ଜହର ସଙ୍ଗତରେ ମଧୁରା ଦେଇ,
ଯତନେ ଦେଇ ଯାଅ ମଥୁରା ତୁହ୍ମ ରେ, ଯଦୁ ନନ୍ଦନ,
ଜଣେ ତୋପର କେହ୍ନ ନାହିଁ ସଦନ ରେ । ୮ ।

ଝାଡ଼ ପର୍ବତେ ବୁଲୁ ବାଳକ ଘେନି,
ଝୁରୁଥାଇ ନ ଦେଖି ନୟନ ବେନି ରେ, ଝଟକ ବନ୍ଧୁ,
ଝୀନବସନ ପିନ୍ଧା କରୁଣାସିନ୍ଧୁ ରେ । ୯ ।

ଞୀଳ ଧବଳ ବେନି ବାଳକ ମୋର;
ଞଷ୍ଟେ ଯାଉଛ ଯେବେ ମଥୁରାପୁର ରେ, ନଳିନ-ନେତ୍ର,
ନୟନେ ଦେଖିବି କି ମୋ ବେନି ସୁତ ରେ । ୧୦ ।

ଟେକ କାହାର ନାମ ଡ଼ାକିବି ଉଠେ,
ଟଳି ମଡ଼ୁଏ ପିଣ୍ଡ ଯାଉ ତୋ ପଛରେ, ଟାଣ ଭଙ୍ଗିଲୁ,
ଟେକ ଟୋପରେ ମୋତେ ପକାଇ ଦେଲୁ ରେ । ୧୧ ।

ଠକ ଦଇବ ଏହା ବନ୍ଧିଲୁ ଆଣି,
ଠକ ଅକ୍ରୂର ଗୋପୁ ନେଉଛି ପୁଣି ରେ, ଠକ ନେଉଛି,
ଠକ ପଣିଆ କରି ଗୋପୁ ଯାଉଛି ରେ । ୧୨ ।

Digitized by srujan ka@gmail.com

ଡାକନ୍ତି ଗୋପସୁତ ଗୋବିନ୍ଦ ଆସ,
ଢ଼ଗର ସଙ୍ଗେ ନ ଯା ମଥୁରା ଦେଶ ରେ, ଡାକୁଆ ଶ୍ବେର,
ତକାଏତ ରହିଛି ମଥୁରା ପୁର ରେ । ୧୩ ।

ଢାଳେ ମୋ ପାଶୁଁ ଧନ ନୁହ ଅନ୍ତର,
ଢଳ ପଙ୍କଜ ପିଣ୍ଡ ନାଟଶୁ ଏଥର ରେ, ଢୋକଣ ବନ୍ଧ,
ଢାଳେ କାଳିନ୍ଦୀ ଜଳେ ଦେବି ମୁଁ ଝାସ ରେ । ୧୪ ।

ଅଲ୍ପକ କହ୍ନାଇ ମୋ ହେବୁ ଅନ୍ତର,
ଅମାବାସ୍ୟା ଘୋଟିବ ଏ ଗୋପପୁର ରେ, ଅଚ୍ୟୁତ ହରି,
ଇନ୍ଦ୍ର ବିବାଦ କାଳେ ତୋ'ଳିଲୁ ଗିରି ରେ । ୧୫ ।

ତ୍ରୈଲୋକ୍ୟ ନାଥ କେତେ କଷ୍ଟେ ସେବିଲି,
ତାହାଙ୍କୁ ସେବା କରି ତୋତେ ଲଭିଲି ରେ, ତେ'ଲଗି ସବୁ,
ତିନି ଭୁବନେ ମୋର ତୋଳିଗି କାବୁ ରେ । ୧୬ ।

ଥୟ ଯେ ହେଉ ନାହିଁ ମନ ମୋହର,
ସ୍ତାଣୁ ଯେବଣ ପାଇଥିଲି କୁମର ରେ, ଥକା ହୋଇଲି,
ଥରେ ତୋ ମୁଖ ଦେଖି ମୁଁ ଭୁଲିଗଲି ରେ ।୧୭ ।

Digitized by srujan ka@gmail.com

ଦଇବ ଅନ୍ଧ ମୋତେ ପାଇଁଲା ଛନ୍ଦ,
ଦେଇଣ ହରି ନେଲା ରାମ ଗୋବିନ୍ଦ ରେ, ଦୁଃଖୀ ସଙ୍ଘାଳି,
ଦେଇ ଯାଉଛ ମୋର ମୁଖରେ କାଳି ରେ । ୧୮ ।

ଧରଣୀ-ଧର ଯାର ଶିରରେ ଫଣୀ,
ଧରନେବ ଅକ୍ରୁର ତାହାକୁ ପୁଣିରେ, ଧବଳ ମୁଖ,
ଧର୍ମ ଦଣ୍ଡିବ କଂସ ଲଭିବ ଦୁଃଖରେ । ୧୯ ।

ନବୀନ ଘନ ପ୍ରାୟେ ବରନ ତୋର,
ନ ଯାଅ ଛାଡ଼ି ମୋତେ କଂସ ନଗର ରେ, ନବକିଶୋର,
ନ ଦେଖି ପିଣ୍ଡୁ ପ୍ରାଣ ଛାଡ଼ିବ ମୋର ରେ । ୨୦ ।

ପନ୍ନଗାନାରାୟଣ ଜଗତନାଥ,
ପଇଁ ନବ ଭୁବନେ ଯା ନାମ ଖ୍ୟାତ ରେ, ପରମାନନ୍ଦ,
ପର କରି ଦେଉଛୁ ଉଦଆସ୍ବନ୍ଦ ରେ । ୨୧ ।

ଫଟା କପାଳେ ମୋର ଘଟୁଛି ଏହା,
ଫାନ୍ଦ ନକର ମୋତେ ମୁଁ ସରା ମାଆ ରେ, ଫଳନ୍ତ ଫଳ,
ଫେଡୁଛି ସିନା ମୋର ମନ୍ଦ କପାଳ ରେ । ୨୨ ।

Digitized by srujan ka@gmail.com

ବଡ ଆଶା ଭରସା ଥିଲା ମୋ ଚିତ୍ତେ,
ବୃଦ୍ଧକାଳକୁ ସାହା ହୋଇବୁ ମୋତେ ରେ, ବ୍ରଜ ବାଳକ,
ବଳାଇ ଏ ବୟସେ ତେଜିଲୁ କୋଳ ରେ । ୧୩ ।

ଭଲ ବୋଲନ୍ତି ନନ୍ଦ ଯଶୋଦା ରାଣୀ,
ଭସାଇ ଦେଉ ବୃଦ୍ଧ ବେଳା ପରାଣି ରେ, ଭାସିଲୁଁ ସ୍ରୋତେ,
ଭରସା କରିଥିଲୁଁ ମାତ୍ରକ ତୋତେ ରେ । ୧୪ ।

ମାତା ପିତାଙ୍କୁ ଗୁହିଁ ବୋଲନ୍ତି ହରି,
ମଥୁରାରୁ ନିଶ୍ଚୟେ ଆସିବୁଁ ଫେର ଗୋ, ମେଲାଣି ଦିଅ,
ମନରେ ତିଳେ ନ କରିବ ସନ୍ଦେହ ଗୋ । ୧୫ ।

ଯାଉଛି ମଧୁପୁର ଦେଖିବ ଯାତ,
ଯତ୍ନ କରନ୍ତି କେତେହେଁ ଦୁର୍ମିଳ ସୁତ ଗୋ, ଜନନୀ ଶୁଣ,
ଯାଇ ଆସିବ ଅଳ୍ପ ଦିନରେ ପୁଣ ଗୋ । ୧୬ ।

ରଙ୍ଗେ କାଳିନ୍ଦୀ ଜଳେ କାଳୀ ମର୍ଦ୍ଦିଲୁ,
ରଙ୍ଗରେ ଇନ୍ଦ୍ର ଗର୍ବ ଗଞ୍ଜି ପାନ୍ଧିଲୁ ରେ, ରଙ୍କୁଣୀଥାଳୀ,
ରଖିଲୁ ମୋ ଭୁଞ୍ଜିବା ପାତ୍ରରେ ଧୂଳି ରେ । ୧୭ ।

Digitized by srujan ka@gmail.com

ଲବଣୀ ଭକ୍ଷିଯାଅ ଗୋପୀଙ୍କ ଆଳ,
ଲଗାଇ କରୁଥିଲେ କେତେ ଜଞ୍ଜାଳ ରେ, ଲଗାଇ ପଦ,
ଲେଉଟାଇଲୁ ଯାମଳା ନୋହିଲୁ ଭେଦ ରେ । ୨୮ ।

ବହ୍ମ ବପକ୍ଷ ପୁଣି ଯାହାକୁ କରେ,
ବ୍ରହ୍ମାଣ୍ଡ ମଧ୍ୟରେ କେ ରଖି ନ ପାରେ ରେ, ବିଧାତା ଖେଳ,
ବଳେ ହରି ନେଉଛନ୍ତ ମୋ ବେନି ବାଳ ରେ । ୨୯ ।

ଶ୍ରୀମନ୍ତଙ୍କ ସର ହେବା ବାନ୍ଧବ ହୋଇ,
ଶିଶିର ମୁଖେ ସେ ଯେ ନ ପାରେ ରହିବରେ, ଶିଶୁ-ସମ୍ପଦ,
ଶିବଙ୍କୁ ଲଗିଲ କି ଗରଳ ସ୍ୱାଦ ରେ । ୩୦ ।

ଷୋଳ ସହସ୍ର ଗୋପୀ ଶୋକେ ଭସାଇ,
ସୋଲ୍-ଚିପାଇ ପରି ଦେଇ ଖସାଇ ରେ, ସନ୍ତାପ ଜଳେ,
ଶୁଖି ଶୁଖି ମରିବେ ଏ ଗୋପ-ବାଳେ ରେ । ୩୧ ।

ସନ୍ତାପେ ଯଶୋବନ୍ତୀ ଆକୁଳ ହୋଇ,
ସମର୍ପିଲେ ଅକ୍ରୂର ସମୀପେ ନେଇ ରେ, ସୁଖେ ରଖାଅ,
ସାତ ଦବସେ ମୋର ପୁତ୍ର ଫେରାଅ ରେ । ୩୨ ।

Digitized by srujan ka@gmail.com

ହୋଇ ବିରସ ମନ ଯଶୋଦା ରାଣୀ,
ହସ୍ତଧରି ଦୂତର ବୋଲନ୍ତି ବାଣୀ ହେ, ହେଳା ନ କର,
ହରି ସଙ୍ଗତେ ନେଉ ମୋ ହୃଦଧର ରେ । ୩୩ ।

କ୍ଷୋଭ ମନେ ଅକ୍ରୂର ବସାନ୍ତି ରଥେ,
କ୍ଷଣକେ ରଥ ଯାଏ ମଥୁରା ପଥେ ହେ, କ୍ଷୀଣ ବାଣୀକି,
କ୍ଷମା ମାଗିଲେ ପୁତ୍ରେ ଯୋଡ଼ି ପାଣିକି ହେ । ୩୪ ।

ମୁଦ୍ରାକର ଚୌଧୁରୀ ଶ୍ରୀ ମଧୁସୂଦନ ମହାପାତ୍ର
ଅରୁଣୋଦୟ ପ୍ରେସ୍, କଟକ

Digitized by srujan ka@gmail.com

ବିଜ୍ଞାପନ

ନିମ୍ନଲିଖିତ ପୁସ୍ତକମାନ ଓଡ଼ିଶା ଜଗନ୍ନାଥ କମ୍ପାନୀରେ ବିକ୍ରୟାର୍ଥେ ସଞ୍ଚିତ ଅଛି । ଗ୍ରାହକଗଣ ତଲବ କଲେ ଅନାୟାସେ ପ୍ରାପ୍ତ ହେବେ ।

ଶ୍ରୀମଦ୍ଭାଗବତ ୧ ସେଟ୍	ଟ ୧୦୮
ବତିଶ ସିଂହାସନ	ଟ ୧।
ବେତାଳ ପଞ୍ଚବିଂଶତି	ଟ ୧୮
ବିଦଗ୍ଧ ଚିନ୍ତାମଣି	ଟ ୪୲
ଛନ୍ଦ ରତ୍ନାକର	ଟ ୧୮
ଅଷ୍ଟପ୍ରହରୀ ନାମସଂକୀର୍ତ୍ତନ	ଟ ୦୳
ପଣ୍ଡିତଙ୍କ ଅଦ୍ଭୁତ କାହାଣୀ	ଟ ୦୳
ଖୁଲ୍ଲଣା ସୁନ୍ଦରୀ	ଟ ୧।
ମଥୁରାମଙ୍ଗଳ	ଟ ୦୳
ମାର୍କଣ୍ଡେୟ ପୁରାଣ	ଟ ୬୳

ପ୍ରାପ୍ତିସ୍ଥାନ—

ଓଡ଼ିଶା ଜଗନ୍ନାଥ କମ୍ପାନୀ

ବାଲୁବଜାର, ପୋ: ଚାନ୍ଦନୀଚୌକ, କଟକ ୨

Digitized by srujan ka@gmail.com